ମହେନ୍ଦ୍ର ସିଂ ଛୋଟେଲାଲ ଭର୍ଗଦ

ବନାମ

ମହାରାଷ୍ଟ୍ର ରାଜ୍ୟ ଏବଂ ଅନ୍ୟମାନେ

12, ଡିସେମ୍ବର 1997

[ଏମ୍. କେ. ମୁଖାର୍ଜୀ ଏବଂ କେ. ଟି. ଥୋମାସ, ନ୍ୟାୟମୂର୍ତ୍ତିଦ୍ୱୟ]

*ଭାରତୀୟ ଦଣ୍ଡ ସଂହିତା, 1860 ।*

*ଧାରା 163-ଦଣ୍ଡବିଧାନ-ଦୁଇ ଜଣ ପୋଲିସ ଅଧିକାରୀ ଅପରାଧିକ ମାମଲା ପ୍ରତ୍ୟାହାର କରିବା ପାଇଁ ବେଆଇନ ପରିତୋଷଣ ଦାବି କରିବା ଏବଂ ଆବେଦନକାରୀଙ୍କୁ ପରିତୋଷଣ ରାଶି ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେବା-ସେହି ଅନୁଯାୟୀ ଟଙ୍କା ପ୍ରଦାନ କରାଯାଇଥିଲା ଏବଂ ପରବର୍ତ୍ତୀ ସମୟରେ ଆବେଦନକାରୀଙ୍କ ଠାରୁ ଉଦ୍ଧାର କରାଯାଇଥିଲା-ଉଚ୍ଚ ନ୍ୟାୟାଳୟ ଦୁର୍ନୀତି ନିବାରଣ ଅଧିନିୟମ 1947 ର ଧାରା 5 (2) ସହିତ ପଠିତ ଧାରା 161 ଏବଂ ଧାରା 5 (1) (d) ଅନୁଯାୟୀ କରାଯାଇଥିବା ଅପରାଧ ପାଇଁ ଆରକ୍ଷୀ ଅଧିକାରୀମାନଙ୍କୁ ଦୋଷ ମୁକ୍ତି କରିଥିଲେ-ଆବେଦନକାରୀଙ୍କୁ ଧାରା 163 ଅନୁଯାୟୀ ଦୋଷୀ ସାବ୍ୟସ୍ତ କରାଯାଇଥିଲା-ଆରକ୍ଷୀ ଅଧିକାରୀମାନଙ୍କୁ ଦୋଷ ମୁକ୍ତି କରିବା ଦୃଷ୍ଟିରୁ , ଭାରତୀୟ ଦଣ୍ଡ ସଂହିତାର ଧାରା 163 ଅନୁଯାୟୀ ଆବେଦନକାରୀଙ୍କୁ ଦୋଷୀ ସାବ୍ୟସ୍ତ କରିବା ଗ୍ରହଣୀୟ ନୁହେଁ- ଦଣ୍ଡ ସଂହିତା, ଧାରା 161-ଦୁର୍ନୀତି ନିବାରଣ ଅଧିନିୟମ, 1947, ଧାରା 5 (1) (d) ଏବଂ 5 (2) ।*

**ଆବେଦନକାରୀଙ୍କ ମାଧ୍ୟମରେ PW- 1ଙ୍କ ବିରୋଧରେ ବିଚାରାଧୀନ ଅପରାଧିକ ମାମଲା ପ୍ରତ୍ୟାହାର କରିନେବା ପାଇଁ ଠାରୁ ବେଆଇନ ପରିତୋଷଣ ପାଇବା ପାଇଁ, ଦୁଇ ଜଣ ଆରକ୍ଷୀ ଅଧିକାରୀ A- 1 ଏବଂ A- 2ଙ୍କୁ ଦୁର୍ନୀତି ନିବାରଣ ଅଧିନିୟମ 5 (1) (d) ଏବଂ 5 (2) ସହିତ ପଠିତ ଭାରତୀୟ ଦଣ୍ଡ ସଂହିତାର ଧାରା 161 ଅନୁଯାୟୀ ଦୋଷୀ ସାବ୍ୟସ୍ତ କରାଯାଇଥିବାବେଳେ ଆବେଦନକାରୀଙ୍କୁ ଭାରତୀୟ ଦଣ୍ଡ ସଂହିତାର ଧାରା 163 ଅନୁଯାୟୀ ଦୋଷୀ ସାବ୍ୟସ୍ତ କରାଯାଇଥିଲା। ଉକ୍ତ ଦଣ୍ଡାଦେଶ ବିରୋଧରେ ଉଚ୍ଚ ନ୍ୟାୟାଳୟରେ ଦୁଇଟି ପୃଥକ ଆବେଦନ ଦାଖଲ କରାଯାଇଥିଲା । ଉଚ୍ଚ ନ୍ୟାୟାଳୟ ଆବେଦନକାରୀଙ୍କ ଦଣ୍ଡାଦେଶକୁ ନିଶ୍ଚିତ କରିଥିଲେ**

ଏବଂ ଦୁଇ ପୋଲିସ ଅଧିକାରୀଙ୍କୁ ନିର୍ଦ୍ଦୋଷରେ ଖଲାସ କରିଥିଲେ । ସେଥିପାଇଁ ଏହି ଆବେଦନ କରାଯାଇଛି ।

ଆବେଦନକୁ ଅନୁମତି ଦେଇ, ନ୍ୟାୟାଳୟ

ନିର୍ଣ୍ଣୟ ନେଇଥିଲେ ଯେ: **1.1.**ଉଚ୍ଚ ନ୍ୟାୟାଳୟ, **A1** ଏବଂ **A2** ବାବଦରେ ଅଭିଯୋଜନ ପକ୍ଷର ମାମଲାକୁ ଅବିଶ୍ୱାସ କରିବା ପରେ, **A3**ଙ୍କୁ ଦୋଷୀସାବ୍ୟସ୍ତ କରିଥିଲେ ଏବଂ ତାହା ମଧ୍ଯ ଭାରତୀୟ ଦଣ୍ଡ ସଂହିତାର ଧାରା **163** ଅନୁଯାୟୀ ଏକ ଅପରାଧ ପାଇଁ ଦୋଷୀ ସାବ୍ୟସ୍ତ କରିଥିଲେ । ଭାରତୀୟ ଦଣ୍ଡ ସଂହିତାର ଧାରା **163**ର ଏକ ସରଳ ପଠନରୁ ଏହା ସ୍ପଷ୍ଟ ହୋଇଥାଏ ଯେ ଉକ୍ତ ଅପରାଧ ପାଇଁ ଜଣେ ଅଭିଯୁକ୍ତକୁ ଦୋଷୀ ସାବ୍ୟସ୍ତ କରିବା ପାଇଁ ନିମ୍ନଲିଖିତ ଉପାଦାନଗୁଡ଼ିକୁ ପ୍ରମାଣ କରିବାର ଆବଶ୍ୟକତା ରହିଛି: -

**(i)** ଅଭିଯୁକ୍ତ ଏକ ପରିତୋଷଣ ରାଶି ଗ୍ରହଣ କରିଥିଲେ କିମ୍ବା ଗ୍ରହଣ କରିବାକୁ ରାଜି ହୋଇଥିଲେ, ନିଜେ କିମ୍ବା ନିଜ ତରଫରୁ ଅନ୍ୟ କାହା ଦ୍ୱାରା ପ୍ରାପ୍ତ କରିଥିଲେ ।

**(ii)** ବ୍ୟକ୍ତିଗତ ପ୍ରଭାବର ପ୍ରୟୋଗ ଦ୍ୱାରା ଜଣେ ସରକାରୀ କର୍ମଚାରୀଙ୍କୁ ପ୍ରବର୍ତ୍ତାଇବା ପାଇଁ ପରିତୋଷଣ ରାଶି ଏକ ଉଦ୍ଦେଶ୍ୟ କିମ୍ବା ପରିତୋଷିକ ଭାବରେ ହେବା ଉଚିତ୍: -

**(a)** କୌଣସି ସରକାରୀ କାର୍ଯ୍ୟ କରିବା କିମ୍ବା ନ କରିବା; କିମ୍ବା

**(b)** ନିଜର ସରକାରୀ କାର୍ଯ୍ୟ ସମ୍ପାଦନ କରିବା ସମୟରେ ଅନୁଗ୍ରହ କିମ୍ବା ବିମୁଖତା ପ୍ରଦର୍ଶନ କରିବା; କିମ୍ବା

**(c)** କେନ୍ଦ୍ର ସରକାର କିମ୍ବା କୌଣସି ସରକାରୀ କର୍ମଚାରୀଙ୍କ ଦ୍ୱାରା କୌଣସି ବ୍ୟକ୍ତିଙ୍କୁ କୌଣସି ସେବା କିମ୍ବା କ୍ଷତି ପହଞ୍ଚାଇବା କିମ୍ବା ପ୍ରଦାନ କରିବାର ପ୍ରୟାସ କରିବା ।

**1.2.** ତେଣୁ, ଅପରାଧର ସାରାଂଶ ହେଉଛି ଯେ ଅଭିଯୁକ୍ତ ବ୍ୟକ୍ତି ଜଣେ ସରକାରୀ କର୍ମଚାରୀଙ୍କୁ ତାଙ୍କ ବ୍ୟକ୍ତିଗତ ପ୍ରଭାବ (ଗୁରୁତ୍ୱ ଦିଆଯାଇଥିଲା) ପ୍ରୟୋଗ *କରି ଏହି ଧାରାରେ ଉଲ୍ଲିଖିତ କୌଣସି କାର୍ଯ୍ୟ କରିବାକୁ ପ୍ରବର୍ତ୍ତାଇବା ପାଇଁ ପରିତୋଷଣ ରାଶି ଗ୍ରହଣ କରିଥିବେ* । **PW1** ଦ୍ୱାରା ସାକ୍ଷ୍ୟ ଦିଆଯାଇଥିବା ଅଭିଯୋଜନ ପକ୍ଷର ଏହା ହେଉଛି ସକାରାତ୍ମକ ମାମଲା, ଯେ ଏହା **A1** ଏବଂ **A2** ଥିଲେ ଯିଏ ପ୍ରଥମେ **PW1** ଠାରୁ ଟଙ୍କା ଦାବି କରିଥିଲା ଏବଂ **A1** ସହିତ ହୋଇଥିବା ବୁଝାମଣା ଅନୁଯାୟୀ ଏବଂ ତାଙ୍କ ସୂଚନା ଏବଂ ନିର୍ଦ୍ଦେଶ ଅନୁଯାୟୀ ସେ

**ଆବେଦନକାରୀଙ୍କୁ ଟଙ୍କା ପ୍ରଦାନ କରିଥିଲେ । ଏହା ଆବେଦନକାରୀ ନୁହେଁ ଯିଏ ଏକ ଅତିଥି ଗୃହ ଏବଂ ଏହାର ମାଲିକଙ୍କୁ କିଛି ଅନୁଗ୍ରହ ଦେଖାଇବା ପାଇଁ A1 ଏବଂ A2 କୁ ପ୍ରବର୍ତ୍ତାଇବା ପାଇଁ ଟଙ୍କା ଗ୍ରହଣ କରି ଚୁକ୍ତି କରିଥିଲେ । ଅପରପକ୍ଷରେ, A1 ଏବଂ A2 ହିଁ ଏହି ଚୁକ୍ତି କରିଥିଲେ ଏବଂ ଆବେଦନକାରୀ (ସ୍ପଷ୍ଟତଃ) A1 ଏବଂ A2 ସହିତ କରାଯାଇଥିବା ଏକ ବୁଝାମଣା ଅନୁଯାୟୀ ଅର୍ଥର ପ୍ରାପ୍ତକର୍ତ୍ତା ଥିଲେ । ତେଣୁ କୌଣସି କଳ୍ପନା ଦ୍ୱାରା ଏହା କୁହାଯାଇପାରିବ ନାହିଁ ଯେ ଆବେଦନକାରୀ ଭାରତୀୟ ଦଣ୍ଡ ସଂହିତାର ଧାରା 163 ଅନୁଯାୟୀ ଅପରାଧରେ ଦୋଷୀ ଅଟନ୍ତି । ଅବଶ୍ୟ ଆବେଦନକାରୀ ଦ୍ୱାରା PW1 ଠାରୁ ଅର୍ଥ ଗ୍ରହଣ କରି ଏହାକୁ A1 ଏବଂ A2କୁ ହସ୍ତାନ୍ତର କରିବା ନିଶ୍ଚିତ ଭାବେ ଏ1 ଏବଂ ଏ2 ଦ୍ୱାରା କରାଯାଇଥିବା ଅପରାଧକୁ ଅବସାନ କରିଥାଏ, କିନ୍ତୁ ତା 'ପରେ ମାମଲାର ଏହି ଦିଗଟି ଏହି ଅଦାଲତକୁ ଅଟକାଇ ରଖିବା ଆବଶ୍ୟକ କରିଥାଏ: ପ୍ରଥମତଃ, ଆବେଦନକାରୀଙ୍କ ବିରୋଧରେ ଏପରି ଅଭିଯୋଗ ପ୍ରସ୍ତୁତ କରାଯାଇ ନଥିଲା ଏବଂ ଦ୍ୱିତୀୟତଃ, A1 ଏବଂ A2 ସେମାନଙ୍କ ବିରୋଧରେ ହୋଇଥିବା ଅଭିଯୋଗରୁ ନିର୍ଦ୍ଦୋଷରେ ଖଲାସ ହୋଇଛନ୍ତି ।**

ଫୌଜଦାରୀ ଆବେଦନ କ୍ଷେତ୍ରାଧିକାରିତା: ଫୌଜଦାରୀ ଆବେଦନ ସଂଖ୍ୟା 663/1994 ।

ଫୌଜଦାରୀ ଆବେଦନ ସଂଖ୍ୟା 6/1993 ରେ ବମ୍ବେ ଉଚ୍ଚ ନ୍ୟାୟାଳୟଙ୍କର 20.1.94 ତାରିଖର ରାୟ ଏବଂ ଆଦେଶରୁ ।

ଆବେଦନକାରୀ ପାଇଁ ଏ. କେ. ସାଙ୍ଘୀ ।

ଉତ୍ତରଦାତାମାନଙ୍କ ପାଇଁ ଡି. ଏମ୍. ନାରଗୋଲକର ଏବଂ ଏସ୍.ଏମ୍. ଯାଦବ (NP) ।

ନ୍ୟାୟାଳୟଙ୍କର ରାୟ ପ୍ରଦାନ କରାଯାଇଥିଲା

**ନ୍ୟାୟାଧୀଶ ଏମ୍. କେ. ମୁଖାର୍ଜୀ,** ରାଜକୁମାର ମୋହନରାମ ସାୱାନୀ (P.W.1)ଙ୍କ ଠାରୁ ଆମ ସମ୍ମୁଖରେ ଆବେଦନକାରୀ ଥିବା ମହେନ୍ଦ୍ର ସିଂହଙ୍କ ମାଧ୍ୟମରେ 3000 ଟଙ୍କାର ବେଆଇନ ପରିତୋଷଣ ରାଶି ପାଇବା ପାଇଁ, ରାମଦାସପେଠ ପୋଲିସ ଷ୍ଟେସନ, ଅକୋଲାର ଅରକ୍ଷୀ ନିରୀକ୍ଷକ ଉତ୍ତମରାଓ ବାବୁରାଓ ରାଉତ୍, ବଂ  ଅରକ୍ଷୀ ଉପ-ନିରୀକ୍ଷକ ଅବଦୁଲ କାଦର, (ଏହା ପରେ ଯଥାକ୍ରମେ A1 ଏବଂ A2ଭାବରେ ସୂଚିତ)ଙ୍କୁ, ଦୁର୍ନୀତି ନିବାରଣ ଅଧିନିୟମ 1947 ର ଧାରା 5 (1) (d)ଏବଂ ଧାରା 5 (2)ସହିତ ସମପଠନୀୟ ଭାରତୀୟ ଦଣ୍ଡ ସଂହିତାର ଧାରା 161

ଅନୁଯାୟୀ ଦୋଷୀସାବ୍ୟସ୍ତ କରାଯାଇଥିଲା, ଯେତେବେଳେ କି ଆବେଦନକାରୀ ଭାରତୀୟ ଦଣ୍ଡ ସଂହିତାର ଧାରା 163 ଅନୁଯାୟୀ ଦୋଷୀ ସାବ୍ୟସ୍ତ ହୋଇଥିଲେ । ଏଥିରେ ବ୍ୟଥିତ ହୋଇ ବମ୍ବେ ଉଚ୍ଚ ନ୍ୟାୟାଳୟରେ ପୃଥକ ଆବେଦନ ଦାଖଲ କରାଯାଇଥିଲା ଏବଂ ଯାହାକୁ ଆବେଦନକାରୀଙ୍କୁ ଦୋଷୀ ସାବ୍ୟସ୍ତ କରି ଏବଂ ଦୁଇ ଆରକ୍ଷୀ ଅଧିକାରୀଙ୍କୁ ଦୋଷ ମୁକ୍ତି କରିବା ପାଇଁ ଏକ ଆଦେଶ ସହିତ ଫଏସଲା କରାଯାଇଥିଲା । ସେଥିପାଇଁ ଏହି ଆବେଦନ କରାଯାଇଛି ।

2. ଅଭିଯୋଜନ ପକ୍ଷର ମାମଲା ଅନୁଯାୟୀ, ଏପ୍ରିଲ 12 ଏବଂ 13,1984ର ମଧ୍ୟରାତ୍ରରେ A1 ଏବଂ A2 ଅକୋଲାର ସୀମା ଗେଷ୍ଟ ହାଉସରେ ଚଢାଉ କରିଥିଲେ ଏବଂ ମଧୁକର୍ @ଶାଲିଗ୍ରାମ ରାଉତ୍ (P.W.10) ଏବଂ ଜଣେ ଅଶୋକ ଠାକୁରଙ୍କୁ ଦୁଇ ଝିଅଙ୍କ ସହ ଅନୈତିକ ଯୌନ କାର୍ଯ୍ୟକଳାପରେ ଲିପ୍ତ ଥିବା ଜାଣିବାକୁ ପାଇଥିଲେ । ସେମାନଙ୍କୁ A1 ଏବଂ A2ଙ୍କ ଦ୍ୱାରା ଗିରଫ କରାଯାଇ ଥାନାକୁ ଅଣାଯାଇଥିଲା ।  ଗେଷ୍ଟ ହାଉସର ପରିଚାଳକ ରାଜକୁମାର (P.W.1) ଏବଂ ଗିରଫ ହୋଇଥିବା ବ୍ୟକ୍ତିଙ୍କ ବନ୍ଧୁ ପ୍ରମୋଦ ଗଙ୍ଗାରାମଜୀ ଭିରାଦ (P.W.5) ପୋଲିସ ଷ୍ଟେସନକୁ ଯାଇଥିଲେ ଏବଂ A2 କୁ ବେଆଇନ ପରିତୋଷଣ ଭାବରେ 1, 200 ଟଙ୍କା ଦେଇ ଜାମିନରେ ମୁକୁଳାଇଥିଲେ । ଅଭିଯୋଜନ ପକ୍ଷର ପରବର୍ତ୍ତୀ ବିଷୟ ଏହିକି ଯେ କିଛି ଦିନ ପରେ  A1 ଏବଂ A2, ସୀମା ଗେଷ୍ଟ ହାଉସ ଏବଂ ଏହାର ମାଲିକଙ୍କ ବିରୋଧରେ ବେଶ୍ୟାବୃତି ଚଲାଉଥିବା ଅଭିଯୋଗରେ ଆରମ୍ଭ ହୋଇଥିବା ମକଦ୍ଦମା ପ୍ରତ୍ୟାହାର କରିବାକୁ ବୁଝାମଣା ରାଶି ଭାବରେ 5,000 ଟଙ୍କା ଦାବି କରିଥିଲେ, କିନ୍ତୁ ଶେଷରେ ଏହି ବୁଝାମଣା ରାଶିକୁ 3, 000 ଟଙ୍କା ସ୍ଥିର କରାଯାଇଥିଲା । 1984 ମସିହା ଏପ୍ରିଲ 27 ତାରିଖରେ 'A1 ' P.W.1କୁ ନିର୍ଦ୍ଦେଶ ଦେଇଥିଲା ଯେ ସେ ସେହି ଅର୍ଥକୁ ଆବେଦନକାରୀଙ୍କୁ ପ୍ରଦାନ କରନ୍ତୁ, ଯିଏକି ତା 'ପରଦିନ ନିକଟସ୍ଥ ଏକ ହୋଟେଲରେ ରହିଥିଲେ । ସେହିଦିନ P.W. 1, A1 ଦ୍ୱାରା କରାଯାଇଥିବା ବେଆଇନ ଦାବି ପାଇଁ ଦୁର୍ନୀତି ନିବାରଣ ସଂସ୍ଥାକୁ ଏକ ଲିଖିତ ଅଭିଯୋଗ (ପ୍ରଦର୍ଶ 58 ) ଦାଖଲ କରିଥିଲେ ଏବଂ ବ୍ୟୁରୋର ଜଣେ ନିରିକ୍ଷକ ଶ୍ରୀଯୁକ୍ତ ରାଡେ(P.W. 14), ଅପରାଧିକୁ ଧରିବା ପାଇଁ ଏକ ଫାନ୍ଦ ବିଛାଇଥିଲେ । 1984 ମସିହା ଏପ୍ରିଲ 28 ତାରିଖରେ, ଯେତେବେଳେ ଆବେଦନକାରୀ ମହାଦେଓ (P.W.3) ଙ୍କ ଚା 'ଦୋକାନରେ 3,000, ଟଙ୍କାର ନୋଟ୍ ଗ୍ରହଣ କରିଥିଲେ ସେତେବେଳେ ପୂର୍ବ ବ୍ୟବସ୍ଥା ଅନୁଯାୟୀ, ଚଢ଼ାଉକାରୀ ଦଳ ତାଙ୍କୁ ଟଙ୍କା ସହିତ ଗିରଫ କରିଥିଲେ ।

3. ତିନି ଅଭିଯୁକ୍ତଙ୍କ ବିରୋଧରେ ହୋଇଥିବା ଅଭିଯୋଗକୁ ପ୍ରମାଣ କରିବା ପାଇଁ, ଅଭିଯୋଜନ ପକ୍ଷ P.W.1ଙ୍କ ପ୍ରମାଣ ଉପରେ ନିର୍ଭର କରିଥିଲା ଏବଂ ବିଚାରଣ ନ୍ୟାୟାଳୟ ମଧ୍ୟ

ଏହାକୁ ଗ୍ରହଣ କରିଥିଲେ ଏବଂ ଚଢ଼ାଉ ଦଳର ସଦସ୍ୟଙ୍କ ପ୍ରମାଣକୁ ଗ୍ରହଣ କରି ସେମାନଙ୍କୁ ଦୋଷୀ ସାବ୍ୟସ୍ତ କରିଥିଲେ । ତେବେ ଉଚ୍ଚ ନ୍ୟାୟାଳୟ ବେଆଇନ ପରିତୋଷଣ ରାଶି ପାଇଁ A1 ଏବଂ A2 ଦ୍ୱାରା କରାଯାଇଥିବା ଦାବି ସମ୍ବନ୍ଧରେ ଅଭିଯୋଗ ମାମଲାକୁ ଗ୍ରହଣ କରିବାକୁ ମନା କରିଦେଇଥିଲେ କାରଣ ଏହା P.W.1(ଯାହା ଉପରେ ଅଭିଯୋଜନ ପକ୍ଷ କେବଳ A1 ଏବଂ A2 ଦ୍ୱାରା କରାଯାଇଥିବା ଦାବିକୁ ପ୍ରମାଣ କରିବା ପାଇଁ ନିର୍ଭର କରୁଥିଲା) ର ପ୍ରମାଣକୁ ଅସନ୍ତୋଷଜନକ ବୋଲି ଦର୍ଶାଇଥିଲେ । ଯେହେତୁ, P.W. 1ର ପ୍ରମାଣ ଯେ ଆବେଦନକାରୀଙ୍କୁ 3,000 ଟଙ୍କା ପ୍ରଦାନ କରାଯାଇଥିଲା, ଯାହା ଆବେଦନକାରୀଙ୍କ ଠାରୁ ଏହାର ପୁନରୁଦ୍ଧାର ଦ୍ୱାରା ପ୍ରମାଣିତ ହୋଇଥିଲା, ଯାହାକୁ ଚଢ଼ାଉ ଦଳର ସଦସ୍ୟଙ୍କ ଦ୍ୱାରା ପ୍ରମାଣିତ ହୋଇଥିଲା, ତେଣୁ ଏହା ଆବେଦନକାରୀଙ୍କୁ ଦୋଷୀ ସାବ୍ୟସ୍ତ କରିଥିଲା ।

4. ଏହା ଅମେ ବୋଧଗମ୍ୟ କରିବାକୁ ଅସମର୍ଥ ଯେ ଉଚ୍ଚ ନ୍ୟାୟାଳୟ କିପରି A1 ଏବଂ A2ଙ୍କ ବିଷୟରେ ଅଭିଯୋଜନ ପକ୍ଷର ମାମଲାକୁ ଅବିଶ୍ୱାସ କରିବା ପରେ, A3ଙ୍କୁ ଦୋଷୀ ସାବ୍ୟସ୍ତ କରିପାରିଥିଲେ ତାହା ମଧ୍ୟ ଭାରତୀୟ ଦଣ୍ଡ ସଂହିତାର ଧାରା 63 ଅନୁଯାୟୀ । ଉକ୍ତ ଧାରାର ଏକ ସରଳ ଅଧ୍ୟୟନରେ ଏହା ସ୍ପଷ୍ଟ ଯେ ଉପରୋକ୍ତ ଅପରାଧ ପାଇଁ ଜଣେ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିବା ପାଇଁ ନିମ୍ନଲିଖିତ ଉପାଦାନଗୁଡିକ ପ୍ରମାଣିତ ହେବା ଆବଶ୍ୟକ-

(i) ଅଭିଯୁକ୍ତ ବ୍ୟକ୍ତିଗତ ଭାବରେ ଗ୍ରହଣ କିମ୍ବା ଗ୍ରହଣ କରିବାକୁ ରାଜି ହେବା କିମ୍ବା ତାଙ୍କ ପାଇଁ ଅନ୍ୟ କେହି ଜଣେ ପରିତୋଷଣ ରାଶି ଗ୍ରହଣ କରିବା ।

(ii) ବ୍ୟକ୍ତିଗତ ପ୍ରଭାବର ପ୍ରୟୋଗ ଦ୍ୱାରା ଜଣେ ସରକାରୀ କର୍ମଚାରୀଙ୍କୁ କୌଣସି ସରକାରୀ କାର୍ଯ୍ୟ କରିବା କିମ୍ବା କରିବାକୁ ନକରିବାକୁ ପ୍ରବର୍ତ୍ତାଇବା ପାଇଁ ପରିତୋଷଣରାଶି ଏକ ଉଦ୍ଦେଶ୍ୟ କିମ୍ବା ପାରିତୋଷିକ ଭାବରେ ହେବା ଉଚିତ୍, କିମ୍ବା

(a) କୌଣସି ସରକାରୀ କାର୍ଯ୍ୟ ସମ୍ପାଦନ କରିବା କିମ୍ବ ନକରିବା ।

(b) ନିଜର ସରକାରୀ କାର୍ଯ୍ୟ ସମ୍ପାଦନ କରିବା ସମୟରେ ଅନୁଗ୍ରହ କିମ୍ବା ବିମୁଖତା ପ୍ରଦର୍ଶନ କରିବା; କିମ୍ବା

(c) କେନ୍ଦ୍ର ସରକାର କିମ୍ବା ରାଜ୍ୟ ସରକାର କିମ୍ବା କୌଣସି ସରକାରୀ କର୍ମଚାରୀଙ୍କ ଦ୍ୱାରା କୌଣସି ବ୍ୟକ୍ତିଙ୍କୁ କୌଣସି ସେବା କିମ୍ବା କ୍ଷତି ପହଞ୍ଚାଇବା କିମ୍ବା ପ୍ରଦାନ କରିବାର ପ୍ରୟାସ କରିବା ।

ତେଣୁ, ଅପରାଧର ସାରାଂଶ ହେଉଛି ଯେ ଅଭିଯୁକ୍ତ ବ୍ୟକ୍ତି ଜଣେ ସରକାରୀ କର୍ମଚାରୀଙ୍କୁ ତାଙ୍କ ବ୍ୟକ୍ତିଗତ ପ୍ରଭାବ (ଗୁରୁତ୍ୱ ଦିଆଯାଇଥିଲା) ପ୍ରୟୋଗ କରି ଏହି ଧାରାରେ ଉଲ୍ଲିଖିତ କୌଣସି କାର୍ଯ୍ୟ କରିବାକୁ ପ୍ରବର୍ତ୍ତାଇବା ପାଇଁ ପରିତୋଷଣ ରାଶି ଗ୍ରହଣ କରିବା ଆବଶ୍ୟକ । P.W.1 ଦ୍ୱାରା ସାକ୍ଷ୍ୟ ଦିଆଯାଇଥିବା ଅଭିଯୋଗ ପକ୍ଷର ଏହା ସକାରାତ୍ମକ ମାମଲା, ଯେ ଏହା A1 ଏବଂ A2 ଥିଲେ ଯିଏ ପ୍ରଥମେ ତାଙ୍କଠାରୁ ଟଙ୍କା ଦାବି କରିଥିଲେ (P.W.1) ଏବଂ A1 ସହିତ, ଆବେଦନକାରୀଙ୍କ ହୋଇଥିବା ଏକ ବୁଝାମଣା ଏବଂ ନିର୍ଦ୍ଦେଶ ଅନୁଯାୟୀ ସେ ଆବେଦନକାରୀଙ୍କୁ ଟଙ୍କା ପ୍ରଦାନ କରିଥିଲେ । ଏହା ଆବେଦନକାରୀ ନଥିଲେ ଯିଏ ସୀମା ଗେଷ୍ଟ ହାଉସ ଏବଂ ଏହାର ମାଲିକଙ୍କୁ କିଛି ଅନୁଗ୍ରହ ଦେଖାଇବା ପାଇଁ A1 ଏବଂ A2କୁ ପ୍ରବର୍ତ୍ତାଇବା ପାଇଁ ଏହି ଚୁକ୍ତି କରିଥିଲେ ଏବଂ ଟଙ୍କା ଗ୍ରହଣ କରିଥିଲେ । ଅପରପକ୍ଷରେ, A1 ଏବଂ A2 ହିଁ ଏହି ଚୁକ୍ତି କରିଥିଲେ ଏବଂ ଆବେଦନକାରୀ (ସ୍ପଷ୍ଟତଃ) A1 ଏବଂ A2 ସହିତ କରାଯାଇଥିବା ଏକ ବ୍ୟବସ୍ଥା ଅନୁଯାୟୀ ଅର୍ଥର ପ୍ରାପ୍ତକର୍ତ୍ତା ଥିଲେ । ତେଣୁ କୌଣସି କଳ୍ପନା ଦ୍ୱାରା ଏହା କୁହାଯାଇପାରିବ ନାହିଁ ଯେ ଆବେଦନକାରୀ ଭାରତୀୟ ଦଣ୍ଡ ସଂହିତାର ଧାରା 163 ଅନୁଯାୟୀ ଅପରାଧରେ ଦୋଷୀ । ଅବଶ୍ୟ ଆବେଦନକାରୀଙ୍କ ଦ୍ୱାରା P.W.1 ରୁ A1 ଏବଂ A2କୁ ହସ୍ତାନ୍ତର କରିବା ପାଇଁ ଅର୍ଥ ଗ୍ରହଣ କରିବା ନିଶ୍ଚିତ ଭାବରେ A1 ଏବଂ A2, ଦ୍ୱାରା କରାଯାଇଥିବା ଅପରାଧକୁ ହ୍ରାସ କରିବ, କିନ୍ତୁ ତା 'ପରେ ମାମଲାର ଏହି ଦିଗ ଆମକୁ ଅଟକାଇବାର ଆବଶ୍ୟକତା ନାହିଁ କାରଣ ପ୍ରଥମତଃ, ଆବେଦନକାରୀଙ୍କ ବିରୋଧରେ ଏପରି ଅଭିଯୋଗ କରାଯାଇ ନଥିଲା ଏବଂ ଦ୍ୱିତୀୟରେ, କାରଣ, A1 ଏବଂ A2 ସେମାନଙ୍କ ବିରୋଧରେ ଅଭିଯୋଗ କରାଯାଇଥିବା ଅପରାଧରୁ ନିର୍ଦ୍ଦୋଷରେ ଖଲାସ ହୋଇଛନ୍ତି ।

5. ତେଣୁ ଆମେ ଏହି ଆବେଦନକୁ ଅନୁମତି ଦେଉଛୁ, ଭାରତୀୟ ଦଣ୍ଡ ସଂହିତାର ଧାରା 163 ଅନୁଯାୟୀ ଆବେଦନକାରୀଙ୍କ ଦଣ୍ଡାଦେଶକୁ ବାତିଲ କରି ତାଙ୍କୁ ନିର୍ଦ୍ଦୋଷରେ ଖଲାସ କରୁଅଛୁ । ଜାମିନରେ ଥିବା ଆବେଦନକାରୀ ତାଙ୍କ ଜାମିନ ବଣ୍ଡରୁ ମୁକ୍ତ ହେବେ ।

ଆର୍. କେ. ଏସ୍.  ଆବେଦନକୁ ଅନୁମତି ଦିଆଗଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

ଭାଷାନ୍ତର :
ମଦନ ମୋହନ ଭୂୟାଁ
ଅନୁବାଦକ
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।